**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ତା.୦୨.୦୫.୨୦୧୩**

**ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ରାଜନାଥ ସିଂହଙ୍କ ପ୍ରେସ ଇସ୍ତାହାର ।**

ବି.ଜେ.ପି ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ରାଜନାଥ ସିଂହ, ***ଶ୍ରୀସରବଜିତ ସିଂହ***ଙ୍କ ହତ୍ୟାକୁ ଏକ ଯୋଜନାବଦ୍ଧ ଷଡ଼ଜନ୍ତ୍ର ବୋଲି ପ୍ରକାଶ କରିବା ସହ ବର୍ତ୍ତମାନର ପରିସ୍ଥିତିରେ ଭାରତୀୟ ହାଇ କମିଶନରଙ୍କୁ ପାକିସ୍ତାନରୁ ଡ଼କାଇ ଜାଣିବା ପାଇଁ କହିଛନ୍ତି ।

ବର୍ତ୍ତମାନ ପାକିସ୍ତାନରେ ବିଭିନ୍ନ ପ୍ରକାରର ଭାରତ ବିରୋଧୀ ଆତଙ୍କବାଦ କାର୍ଯ୍ୟକ୍ରମ ଗୁଡ଼ିକ ଚାଲୁଅଛି । ତେଣୁ ଭାରତକୁ ପାକିସ୍ତାନ ଉପରେ ବୈଦେଶିକ ଚାପ ପକାଇ କିଛିଟା ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ସେ ***ଶ୍ରୀ ସରବଜିତ ସିଂହ***ଙ୍କ ମୃତ୍ୟୁକୁ ଦେଶର ଏକ କୂଟନୈତିକ ବିଫଳତା ବୋଲି କହିବା ସହ ଯଦି ପାକିସ୍ତାନ ଏପରି ଆତଙ୍କବାଦ କାର୍ଯ୍ୟ କଳାପରୁ ନିବୃତ ନହୁଏ ତେବେ ତାହା ସହ ଭାରତର କୌଣସି ପ୍ରକାରର କୂଟନୈତିକ ସମ୍ପର୍କ ରହିବ ନାହିଁ ବୋଲି ମଧ୍ୟ କହିଛନ୍ତି ।

ଏହା ପୂର୍ବରୁ ଯେତେବେଳେ ଏଲ.ଓ.ସି ଠାରେ ଭାରତୀୟ ସୈନିକ ମାନଙ୍କର ଶିରୋଚ୍ଛେଦ କରାଗଲା, ସେତେବେଳେ ଏପରି ଅମାନବୀୟ ଘଟଣା ପୁନର୍ବାର ନ ଘଟିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଥିଲେ ? ଉକ୍ତ ସମୟରେ ମଧ୍ୟ ବି.ଜେ.ପି ସେଠାରୁ ଭାରତୀୟ ହାଇ କମିଶନରଙ୍କୁ ଫେରାଇ ଆଣିବା ପାଇଁ ଦାବି କରିଥିଲେ । ମାତ୍ର ସରକାର ତାହାକୁ ଗ୍ରହଣ କରି ନଥିଲେ ।  ବର୍ତ୍ତମାନ ଆମକୁ କୌଣସି ପ୍ରକାରର କୂଟନୈତିକ ଚାପ ଦ୍ୱାରା ସେଠାରେ ରହୁଥିବା ଅନ୍ୟ ଭାରତୀୟ ବନ୍ଦୀ ମାନଙ୍କ କଥା ଚିନ୍ତା କରିବାକୁ ହେବ ।

ଆଜି ଭଳି ସ୍ଥିତିରେ ସରକାର କୌଣସି ପ୍ରକାରର ସମାଧାନ କଥା ଚିନ୍ତା ନକରି ବରଂ ନିଜର ବିଫଳ କୂଟନୀତି ଉପରେ ପରଦା ପକାଇବା ପାଇଁ ବିଭିନ୍ନ ପ୍ରକାରର ଦୁର୍ବଳ ମନ୍ତବ୍ୟମାନ ଦେଉଛନ୍ତି ।  ଶ୍ରୀ ରାଜନାଥ ସିଂହ ଆହୁରି ମଧ୍ୟ ***ଶ୍ରୀ ସରବଜିତ ସିଂହ***ଙ୍କ ପରିବାରକୁ ସାହାର୍ଯ୍ୟ, ସହାୟତା ତଥା ଆର୍ଥିକ ଅନୁଦାନ ଯୋଗାଇବାକୁ ଦାବି କରିଛନ୍ତି ।

**ଓ.ପି କୋହଲି**

**ମୁଖ୍ୟାଳୟ ପ୍ରମୁଖ**